# ଉପଜିଲ୍ଲାପାଳ ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟାଳୟ, ଦେବୋତ୍ତର, ପାଟଣାଗଡ

ବିଜ୍ଞାପନ ସଂଖ୍ୟା୨୫୫୦(A)........ ତାରିଖ.୨୫.୦୬.୨୦୨୪

ଏତଦ୍ ଦ୍ୱାରା ଏହି ବିଜ୍ଞାପନ ମାଧ୍ୟମରେ ଜନସାଧାରଣଙ୍କୁ ସୂଚିତ କରି ଦିଆଯାଉଅଛି ଯେ, ଜଗନ୍ନାଥ ମନ୍ଦିର, ମଣ୍ଡଳର ସୁପରିଚାଳନା ନିମନ୍ତେ ନିମ୍ନ ଲିଖିତ ସମ୍ପତ୍ତି (ଦେବୋତ୍ତର ଜମି) ଗୁଡିକ ୨୦୨୪-୨୫ ଠାରୁ ୨୦୨୬-୨୭ ତିନି ବର୍ଷ ପାଇଁ ନିଲାମ କରାଯିବ । ନିଲାମ ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ନିମ୍ନମତେ ଧାର୍ଯ୍ୟ କରାଯାଇ ଥିବା ସରକାରୀ ମୂଲ୍ୟ ୧୦% ଅମାନତ ର ରାଶି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପାଟଣାଗଡ଼ ଠାରେ ଉଦ୍ଦିଷ୍ଟ ଥିବା ଜଉମୁଦ ବାକ୍ସରେ ତା.୨୫.୦୬.୨୦୨୪ ରୁ ତା-୦୩ .୦୭.୨୦୨୪ ମଧ୍ୟରେ ( କେବଳ ସରକାରୀ କାର୍ଯ୍ୟ ଦିବସ ରେ) ଅପରାହ୍ନ ଘ.୫.୩୦ ପର୍ଯ୍ୟନ୍ତ ପକାଇ ପାରିବେ । ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରୀତ ଟେଣ୍ଡର ଫର୍ମଟି ମଣ୍ଡଳ ଦେବୋତ୍ତର ମ୍ୟାନେଜରଙ୍କ ଠାରୁ ପାଇ ପାରିବେ । ନିଲାମ ନିମନ୍ତେ ସମସ୍ତ ଦେୟରାଶି କେବଳ ନଗଦ ଅର୍ଥ ଆକାରରେ ଗ୍ରହଣ କରାଯିବ । ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରିତ ଫର୍ମରେ ଟେଣ୍ଡର ପକାଇବା ପାଇଁ ଅମାନତ ଜମାଦେଇ ପ୍ରାପ୍ତି ସ୍ୱୀକାର ରସିଦ ମଣ୍ଡଳ ଦେବୋତ୍ତର ମ୍ୟାନେଜରଙ୍କ ଠାରୁ ଗ୍ରହଣ କରିବେ, ଯାହାକି ଟେଣ୍ଡର ପେପର ସହ ସଂଲଗ୍ନ ହେବ । ସମସ୍ତ ଜଉମୁଦ ଟେଣ୍ଡର ଗୁଡିକ ତା. ୦୪.୦୭.୨୦୨୪ ଦିବା ଘ.୧୧.୦୦ ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ପାଟଣାଗଡ଼ ଠାରେ ଉପଜିଲ୍ଲାପାଳ ଙ୍କ ଉପସ୍ଥିତିରେ ଖୋଲା ହେବ । ଯେଉଁ ବ୍ୟକ୍ତିମାନେ ଉପରୋକ୍ତ ସଂପତ୍ତିମାନଙ୍କର ନିଲାମ ଡାକରେ ଯୋଗ୍ୟ ବିବେଚିତ ହେବେ ତାଙ୍କର ଅମାନତ ଟଙ୍କା ଶେଷ କିସ୍ତିରେ ଯୋଗ ହେବ ଓ ଅନ୍ୟ ମାନଙ୍କର ଅମାନତ ଟଙ୍କା ଫେରସ୍ତ ହେବ । ନିଲାମ ଗ୍ରହୀତା ସର୍ବମୋଟ ନିଲାମ ରାଶିର ୩୩ % ରାଶି ଆସନ୍ତା ତା.୨୦.୦୭.୨୦୨୪ ଦିନରେ ନିମ୍ନ କର୍ତ୍ତୃପକ୍ଷଙ୍କ ନିକଟରେ ଜମା ଦେଇ ନିର୍ଦ୍ଧାରିତ ଫର୍ମରେ ଚୁକ୍ତି ସଂପାଦନ କରିବେ । ନିଲାମ ରାଶିର ଦ୍ୱିତୀୟ କିସ୍ତି ୩୩ % ରାଶି ୩୧.୦୩.୨୦୨୫ ସୁଦ୍ଧା ପଇଠ କରିବେ ଓ ତଦଅନୁସାରେ ଶେଷ କିସ୍ତି ୩୪ % ରାଶି ୩୧.୦୩.୨୦୨୬ ସୁଦ୍ଧା ପଇଠ କରିବେ । ନିର୍ଦ୍ଧାରିତ ସମୟରେ ନିଲାମ ରାଶି ପଇଠ ନକଲେ ଅମାନତ ଟଙ୍କା ବାଜ୍ୟାପ୍ତ କରାଯାଇ ପୁନଃ ଟେଣ୍ଡର ଆହ୍ୱାନ କରାଯିବ । ମାତ୍ର କୌଣସି ସ୍ଥଳେ ସରକାରୀ ମୂଲ୍ୟରୁ କମ ରେ ଦିଆଯିବ ନାହିଁ ।

ପ୍ରକାଶ ଥାଉକି ସର୍ବୋଚ୍ଚ ନିଲାମ ଗ୍ରହିତ କିମ୍ବା ନାକଚ କରିବା ଅଧିକାର ନିମ୍ନ କର୍ତ୍ତୃପକ୍ଷଙ୍କ ଠାରେ ସୁରକ୍ଷିତ ଅଛି । ଏହି ନିଲାମରେ କେବଳ ପାଟଣାଗଡ ଉପଖଣ୍ଡର ସ୍ଥାୟୀ ବାସିନ୍ଦାମାନଙ୍କୁ ଅଗ୍ରାଧିକାର ଦିଆଯିବ ଏବଂ ଖୁଲାପକାରୀ ମାନଙ୍କୁ ଦିଆଯିବ ନାହିଁ ।

ନିଲାମ ହେବାକୁ ଥିବା ସଂପତ୍ତିର ତାଲିକାର ଏକ କିତା ନକଲ ଏଥି ସହିତ ସଂଲଗ୍ନ କରାଗଲା।

ଅମିତ କୁମାର ନାୟକ
୨୫/୦୬/୨୦୨୪

ଉପଜିଲ୍ଲାପାଳ ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର,ପାଟଣାଗଡ

ଜ୍ଞାପନ ସଂଖ୍ୟା ୨୫୫୦(୫)  ତାରିଖ ୨୪.୦୬.୨୦୨୪

ଏହାର ଏକକିତା ନକଲ ଦେବୋତ୍ତର କମିଶନର, ଓଡିଶା ଭୁବନେଶ୍ୱର ସହ ଯୁଗ୍ମ ଦେବୋତ୍ତର କମିଶନର,ସମ୍ବଲପୁର/ଜିଲ୍ଲାପାଳ,ବଲାଙ୍ଗିର/ସମସ୍ତତହସିଲଦାର/ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ପାଟଣାଗଡ ଉପଖଣ୍ଡ ତଥା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ତାଙ୍କର ନିଜସ୍ୱ ନୋଟିସ୍ ବୋର୍ଡ ରେ ପ୍ରକାଶ୍ୟ ପାଇଁ ଅନୁରୋଧ କରାଗଲା।

ଏହାର ଏକକିତା ନକଲ ତହସିଲଦାର ବେଲପଡାଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ପ୍ରେରଣ କରାଗଲା । ଏଥି ସହିତ ନିଲାମର ସମସ୍ତ କାର୍ଯ୍ୟ ସଂପାଦନ କରିବା ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ମ୍ୟାନେଜର ମଣ୍ଡଳ ମନ୍ଦିରଙ୍କ ଅବଗତି ଓ ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ଓ ନିର୍ଦ୍ଦେଶଦିଆଗଲା ଯେ ବିଜ୍ଞାପନଟି ମଣ୍ଡଳ ମନ୍ଦିର ଠାରେ ଛାପିବେ ।

ଉପଜିଲ୍ଲାପାଳ ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର,ପାଟଣାଗଡ

ଜ୍ଞାପନ ସଂଖ୍ୟା ୨୫୫୦(୮)  ତାରିଖ ୨୪.୦୬.୨୦୨୪

ଏହାର ଏକକିତା ନକଲ District Information Officer, NIC, Balangir ଙ୍କ ଅବଗତି ନିମନ୍ତେ ଓ ବିଜ୍ଞାପନକୁ ୱେବ ସାଇଟରେ ପ୍ରକାଶ୍ୟ ପାଇଁ ଅନୁରୋଧ କରାଗଲା ।

ଉପଜିଲ୍ଲାପାଳ ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର,ପାଟଣାଗଡ

## ନିଲାମ ହେବାକୁ ଥିବା ସମ୍ପତ୍ତିର ତାଲିକା ଜଗନ୍ନାଥ ମନ୍ଦିର, ମଣ୍ଡଲ

| କ୍ର.ନଂ | ଭାଗର ନାମ | ଏରିଆ | ନିର୍ଦ୍ଧାରିତ କରାଯାଇଥିବା ନିଲାମର ମୂଲ୍ୟ (ତିନି ବର୍ଷ ପାଇଁ) | ଅମାନତ ଜମା ରାଶି |
|---|---|---|---|---|
| ୧. | ଖେଡିଙ୍ଗ ବାହାଲ | ଏ.୪.୫୪ ଡି. | ୮୭୬୪୮ /- | ୮୭୬୫ /- |
| ୨. | ଭରତ କଚ୍ଛାର ଓ ଭରତ ଭାଗ | ଏ.୭.୭୭ ଡି. | ୧୦୮୯୦୦ /- | ୧୦୮୯୦/- |
| ୩. | ପିପଲ ବାହାଲ | ଏ.୨.୮୫ ଡି. | ୫୮୪୧୦ /- | ୫୮୪୧/- |
| ୪. | ହାଇସ୍କୁଲ ଆଟ | ଏ.୩.୭୫ ଡି. | ୪୬୨୦ /- | ୪୬୨/- |
| ୫. | ଘୁଷୁରା ଭାଗ | ଏ.୨.୦୩ ଡି. | ୫୪୧୨୦ /- | ୫୪୧୨/- |
| ୬. | ତଳଡଙ୍ଗା ଗୁଟୁକାବାହାଲ | ଏ.୨.୨୮ ଡି. | ୬୨୭୦୦ /- | ୬୨୭୦/- |
| ୭. | ଆମ୍ବ ତୋଟା ଆଟ | ଏ.୦.୭୫ ଡି. | ୧୧୫୫୦ /- | ୧୧୫୫/- |
| ୮. | ଗୋବର ଆଟ | ଏ.୧.୯୦ ଡି. | ୧୫୦୪୮ /- | ୧୫୦୫/- |
| ୯. | ଜାଗରୀ ବାହାଲି | ଏ.୨.୫୦ ଡି. | ୫୧୮୧୦ /- | ୫୧୮୧/- |

ଉପଜିଲ୍ଲାପାଳ ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର,ପାଟଣାଗଡ